# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

**ସମିତି ସର୍କୁଲାର ନଂ. ୮୦......　　　ତା.୨୯.୦୩.୨୦୧୮**

ଏତଦ୍ ଦ୍ୱାରା କୃତ୍ରିମ ପ୍ରଜନନ କେନ୍ଦ୍ର ଥିବା ସମସ୍ତ ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାସଂଘ ତରଫରୁ ସମଲେଶ୍ୱରୀ ଦୁଗ୍ଧ ସଂଘ ପାଇଁ କୃତ୍ରିମ ପ୍ରଜନନ ଟାର୍ଗେଟ୍ ବର୍ଷ ୨୦୧୮-୧୯ ପାଇଁ ୨୦୮ଟି କୃତ୍ରିମ ପ୍ରଜନନ କେନ୍ଦ୍ର ପାଇଁ କେନ୍ଦ୍ର ପିଛା ସର୍ବନିମ୍ନ ୨୫ଟି ଏବଂ ସମୁଦାୟ ବାର୍ଷିକ ୬୨,୪୦୦ଟି କୃତ୍ରିମ ପ୍ରଜନନ କରିବା ପାଇଁ ଟାର୍ଗେଟ୍ ଆସିଅଛି ।

ଏଣୁ ସଂଘର ସମସ୍ତ କୃତ୍ରିମ ପ୍ରଜନନ ଥିବା ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମାସକୁ ସର୍ବନିମ୍ନ ୨୫ଟି କୃତ୍ରିମ ପ୍ରଜନନ କରିବା ଅନିବାର୍ଯ୍ୟ ; ନଚେତ୍ ଭବିଷ୍ୟତରେ କମ୍ କରୁଥିବା କୃତ୍ରିମ ପ୍ରଜନନ କେନ୍ଦ୍ର ବନ୍ଦ ହୋଇଯିବ । ଏଣୁ ଏଥିପ୍ରତି କୃତ୍ରିମ ପ୍ରଜନନ ଥିବା ସମିତିମାନେ ଧ୍ୟାନ ଦେବେ ଏବଂ ସମିତିର ମାସିକ ପରିଚାଳନା ପରିଷଦ ସଭାରେ ଏହା ଉପରେ ତଦନ୍ତ କରିବେ । ସଂପୃକ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା ଓ ଅଂଚଳ ଭାରପ୍ରାପ୍ତ ଅଧିକାରୀମାନେ ଉକ୍ତ ଟାର୍ଗେଟ୍ କୁ ପୂରଣ କରିବା ପାଇଁ ବ୍ୟବସ୍ଥା କରିବା ।

ଡ଼. ନାରାୟଣୀ ମିଶ୍ର

**ସାଧାରଣ ପରିଚାଳକ**

**ସୂଚନା କ୍ରମାଙ୍କ ନଂ....୨୧୯୪......　　　ତା.୨୯.୦୩.୨୦୧୮**

ନକଲ ପାଇବେ -୧. ସମସ୍ତ କୃତ୍ରିମ ପ୍ରଜନନକାରୀ ।

୨. ସମସ୍ତ କୃତ୍ରିମ ପ୍ରଜନନ କେନ୍ଦ୍ର ଥିବା ସମିତିର ସଂପାଦକ/ସଭାପତି ।

୩. କ୍ଷେତ୍ର ପରିଦର୍ଶକ/ ପରିଦର୍ଶିକା / ଅଂଚଳ ଭାରପ୍ରାପ୍ତ ଅଧିକାରୀ ।

୪. ଇନ୍-ଚାର୍ଜ (ପି.ଏଣ୍ଡ.ଆଇ), ଓମ୍‌ଫେଡ୍, ଭୁବନେଶ୍ୱର ।

ଡ଼. ନାରାୟଣୀ ମିଶ୍ର

**ସାଧାରଣ ପରିଚାଳକ**